## ବ୍ୟାଙ୍କ ଆଗରେ ବିକ୍ଷୋଭ

ବସ୍ତା, (ହରିଶଙ୍କର ପାଢ଼ି): ବସ୍ତା ଭାଜପା ଯୁବମୋର୍ଚ୍ଚା ତରଫରୁ ଶୁକ୍ରବାର ମଥାନୀ ସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଆଗରେ ଯୁବମୋର୍ଚ୍ଚା ସଭାପତି ଧୀରେନ କୁମାର ସେଠୀଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ମୁଦ୍ରା ଲୋନ୍‌ରେ ଠିକ୍ ଭାବେ ଚୟନ ନ କରାଯିବା, ବିଶ୍ୱକର୍ମା ଯୋଜନାରେ ସୁବିଧା ନ ଦେବା, ଟଙ୍କା ଜମା ଓ ଉଠାଣ ପରେ ଖାତା ପ୍ରିଣ୍ଟ ନ ହେବା ଆଦି ସମସ୍ୟା ନେଇ ବିକ୍ଷୋଭ କରାଯାଇଥିଲା। ଶାଖା ପ୍ରବନ୍ଧକ ସୌରଭ କୁମାର ଗିରିଙ୍କୁ ଦାବିପତ୍ର ପ୍ରଦାନ ପରେ ସେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

### ସଂକ୍ଷେପରେ

## ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

### ବ୍ୟାଙ୍କମିତ୍ରଙ୍କୁ ଚାକିରିରୁ ନିଲମ୍ବନ ଘଟଣା

ବାରିପଦା,୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)–ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ବନ୍ଧଗୋଡ଼ା ପଞ୍ଚାୟତର ମିଶନ ଶକ୍ତି ବ୍ୟାଙ୍କମିତ୍ର ତଥା ଆଦିବାସୀ ମହିଳା ଭାରତୀ ସିଂଙ୍କୁ ବିନା ନୋଟିସ୍‌ରେ ଚାକିରିରୁ ନିଲମ୍ବନ ଘଟଣାକୁ ନେଇ ଏନ୍‌ଏଚ୍‌ଆର୍‌ସି (ଜାତୀୟ ମାନବାଧିକାର କମିଶନ)ଙ୍କଠାରେ ମାମଲା ରୁଜୁ ହୋଇଛି। ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ ଦାଶ ଏନ୍‌ଏଚ୍‌ଆର୍‌ସିରେ କେସ (ନଂ.୧୬୫୫୯/୨୦୨୩) ଦାଏର କରିଛନ୍ତି। ମାମଲାରେ ମୁଖ୍ୟ ଶାସନ ସଚିବ ଓ ମୟୂରଭଞ୍ଜ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ସରକାରଙ୍କ ବିରୋଧରେ ଗଣମାଧ୍ୟମ ସାମ୍ନାରେ ମନ୍ତବ୍ୟ ଦେବା କାରଣରୁ ଭାରତୀଙ୍କୁ ଚାକିରିରୁ ନିଲମ୍ବନ କରାଯିବା ମାନବାଧିକାର ଉଲ୍ଲଂଘନ କରୁଛି, ତେଣୁ ସରକାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆବେଦନରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ବ୍ୟାଙ୍କମିତ୍ର ସଂଘର ଆନ୍ଦୋଳନ ଚାଲିଥିବା ବେଳେ ଭାରତୀ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ, ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରବର୍ତ୍ତୀ ସମୟରେ କାର୍ଯ୍ୟରେ ଅବହେଳା ଦର୍ଶାଇ ଭାରତୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି।

## ସୁନା ଦୋକାନରୁ ଚୋରି

ବାସୁଦେବପୁର, ୬।୧୦(ନାରାୟଣ ପ୍ରସାଦ ବାରିକ୍): ବାସୁଦେବପୁର ମୁଖ୍ୟବଜାର ପରିବାହାଟ ନିକଟରେ ଥିବା ସାହୁ ଜୁଏଲେରୀ ଓ ୱାର୍କସପ୍‌ରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଆଜବେଷ୍ଟସ୍ ତାଡ଼ି ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ୧୮ଟି ରୁପା ସିନ୍ଦୂର ଫରୁଆ, ୮୫ଟି ସୁନା ଚିତା, ୬ ରୁପା ମୁଦି, ୧ ହଳ ସୁନା କାନଫୁଲ, ୨ ରୁପା ଚେନ୍, ୨ ସୁନାମୁଦି ସହ ଅନ୍ୟ କେତେକ ଅଳଙ୍କାର ମଧ୍ୟ ଚୋରି ହୋଇଛି। ଏନେଇ ଦୋକାନ ମାଲିକ ମଦନ ମୋହନ ସାହୁ ଶୁକ୍ରବାର ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିବା ଚୋରମାନଙ୍କୁ ଠାବ କରାଯାଇପାରି ନାହିଁ। ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

## ରିଂରୋଡ୍ ପାର୍ଶ୍ୱରୁ ଝୁଲନ୍ତା ମୃତଦେହ ଜବତ

ଘସିପୁରା,୬।୧୦(ନିରଞ୍ଜନ ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ରିଜ୍ ଛକସ୍ଥିତ ଶିଶୁ ପାର୍କର ଅନତିଦୂର ରିଂଗରୋଡ୍ ପାର୍ଶ୍ୱରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ଆନନ୍ଦପୁର ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଅପରାହ୍ନରେ ରିଂଗରୋଡ ପାର୍ଶ୍ୱ ଝାଟିମାଟି ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ ସମୟରେ କେତେକ ଲୋକି ମୃତଦେହ ଦେଖି ୭ ନଂ. ୱାର୍ଡ଼ର କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣାଙ୍କୁ ସୂଚନା ଦେଇଥିଲେ। କାଉନ୍‌ସିଲରଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ମୁକୁଳା ନଦୀବନ୍ଧ, ତଳିଆ ଅଞ୍ଚଳ ଜଳମଗ୍ନ

### ବିପଦସଙ୍କେତ ତଳେ ସୁବର୍ଣ୍ଣରେଖା ବନ୍ୟା

ବାଲିଆପାଳ, ୬।୧୦(ଗୋପାଳ ଚନ୍ଦ୍ର ସାହୁ)

ଗୁରୁବାରଠାରୁ ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳୁଛି। ବନ୍ୟାଜଳ ରାଜଘାଟଠାରେ ସନ୍ଧ୍ୟା ସୁଦ୍ଧା ବିପଦସଂକେତଠାରୁ ବହୁ ତଳେ ଅର୍ଥାତ ୯.୩୫ ମିଟରରେ ରହିଛି। ମାତ୍ର ମୁକୁଳା ନଦୀବନ୍ଧ ପାଇଁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ତେବେ ଯଦି ଝାଡ଼ଖଣ୍ଡ ଗାଲୁଡ଼ିହି ଡ୍ୟାମ୍ ଏହିପରି ବାରମ୍ବାର ଗେଟ୍ ଖୋଲି ପାଣି ଛାଡ଼ିବ ତେବେ ଅଧିକ ଦିନ ପାଣି ବୁଡ଼ି ରହିଲେ ବାଲିଆପାଳ ବ୍ଲକର ବହୁ ଅଞ୍ଚଳରେ ଧାନ ଫସଲ ସହ ସମସ୍ତ ପନିପରିବା ପଚି ନଷ୍ଟ ହେବାର ଆଶଙ୍କା କରାଯାଇଛି।

ଗତ କିଛି ଦିନ ହେବ ଲଗାତାର ଭାବରେ ବର୍ଷା ପରେ ଝାଡ଼ଖଣ୍ଡର ଗାଲୁଡ଼ିହି ଡ୍ୟାମ୍ ପାଣି ଛାଡ଼ିଦେବା ଫଳରେ ସୁବର୍ଣ୍ଣରେଖାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ବାଲିଆପାଳ ବ୍ଲକର ତଳିଆ ଅଞ୍ଚଳ ବିଷ୍ଣୁପୁର, ନୟାବାଲି, ଇକଡ଼ପାଳ, ରସଲପୁର,



ବାଲିଆପାଳ ତଳ ଅଞ୍ଚଳରେ ପାଣିରେ ପଶି ଲୋକେ ଯିବା ଆସିବା କରୁଛନ୍ତି।

ରାଉତ୍ରାପୁର, ଜାମକୁଣ୍ଡା ପଞ୍ଚାୟତର ତାଳପଦା, କୁହ୍ଲାଚଡ଼, ଲଖପାଳ, ପାଳଜାମକୁଣ୍ଡା, କାଳରୁଇ ଓ ବାଲିଆପାଳ ପଞ୍ଚାୟତର ତଳବାଲିଆପାଳ, ସୁଙ୍ଗମୁହଁ, କୁଦମାନସିଂହ, ଆଠବାଟିଆ ମଧୁପୁରା ପଞ୍ଚାୟତର ଚଡ଼ବସ୍ତ କାଳରୁଇ, ଚୌଧୁରୀକୁଦ ସେହିପରି ଅସ୍ତି ପଞ୍ଚାୟତ ପାଳଚମ୍ପେଇ ଶରଧାରସାହି, ଚଡ଼ବଡ଼ାପାଳ, ସୁର୍ଯ୍ୟାପୁର, କଣ୍ଟାବଣି ଆଦି ଗ୍ରାମଗୁଡ଼ିକରେ ବନ୍ୟା ପାଣି ପଶିଛି। ବାଲିଆପାଳ ବିଷ୍ଣୁପୁର ରାସ୍ତାର ତଳବାଲିଆପାଳଠାରେ ଚଟାଣରେ ୩ଫୁଟ ଉପରେ ବନ୍ୟା ପାଣି ଚାଲିଛି। ସେହିପରି ପଞ୍ଚରୁଖିଠାରୁ ଚୌଧୁରୀକୁଦ ଗ୍ରାମକୁ ଯାଇ ଥିବା ରାସ୍ତା ଉପରେ ୨/୩ ଫୁଟ୍ ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଉଭୟ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଏଠାରେ ୨୦୧୫ ମସିହା ବନ୍ୟାରେ ଏହି ରାସ୍ତାରେ ଚୌଧୁରୀକୁଦ ଗ୍ରାମର ୨ଜଣ ଯୁବକ ପାଣିରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ବନ୍ୟା ପରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏହି ଗ୍ରାମକୁ ଆସି ଏଠାରେ ଏକ ବିଜୁ ସେତୁ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୮ବର୍ଷ ପରେ ବି ବିଜୁ ସେତୁ ସ୍ୱପ୍ନରେ ରହିଗଲା। ଲୋକମାନେ ପୂର୍ବପରି ପାଣିରେ ପଶି ଯା'ଆସ କରୁଛନ୍ତି। ଲୋକଙ୍କ ସମସ୍ୟା ବଦଳିଲା ନାହିଁ। ଏବେ ସୁବର୍ଣ୍ଣରେଖା ନଦୀବନ୍ଧ ସବୁଠି ମୁକୁଳା ଥିବାରୁ ନଦୀକୁ ବନ୍ୟା ପାଣି ଆସିବା ମାତ୍ରେ ନଦୀ କୂଳିଆ ଗ୍ରାମ ଗୁଡ଼ିକରେ ପାଣି ପଶିଛି। ତେବେ ଯଦି ବନ୍ୟା ପାଣି ଅଧିକ ଆସେ ପ୍ରଶାସନ ପ୍ରସ୍ତୁତ ରହିଛି ବୋଲି ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି।

## ‘ଭାଇଚାରାର ମାଧ୍ୟମ ବୁଢ଼ା ଗଣେଶ ପୂଜା’





ବନ୍ଧୁମିଳନ ଉତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୬।୧୦(ସନାତନ ରାଉତ)

ଭଦ୍ରକ ପୁରୁଣାବଜାରରେ ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟ ମିଳିତ ଭାବେ ବସବାସ କରୁଛନ୍ତି। ସମସ୍ତ ପର୍ବପର୍ବାଣିରେ ଉଭୟ ସମ୍ପ୍ରଦାୟ ମିଳିମିଶି ପାଳନ କରିଥାନ୍ତି। ସେମାନଙ୍କ ଭାଇଚାରାର ସମ୍ପର୍କ ଭଦ୍ରକ ଜିଲା ପାଇଁ ଉଦାହରଣ। ବୁଢ଼ାଗଣେଶ ପୂଜା ଏହି ଭାଇଚାରାର ମାଧ୍ୟମ ପାଲଟିଛି ବୋଲି ବୁଢ଼ାଗଣେଶ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ବନ୍ଧୁମିଳନ ପର୍ବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପୁରୁଣାବଜାରସ୍ଥିତ ସଦାବର୍ତ୍ତ ମଠରେ ଡ. ପ୍ରମୋଦ ନାୟକଙ୍କ ସଭାପତିତ୍ୱରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ରାମଦାସ ଟୁଡୁ, ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଭାଜପା ନେତା ଡ. ପ୍ରଦୀପ ନାୟକ, କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି, ଚଉଦ ମହଲା କମିଟିର ଏସ୍.ଏମ୍. ଫାରୁକ, ମୋକିତ ଖାନ୍ ପ୍ରମୁଖ ଯୋଗ ଦେଇଥିଲେ। ବୁଢ଼ାଗଣେଶଙ୍କ ପୂଜା ସମସ୍ତଙ୍କୁ ଏକତ୍ରିତ ହେବାର ସୁଯୋଗ ଦେଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କମିଟି ପକ୍ଷରୁ ପଣ୍ଡିତ ଦୈତାରୀ ମହାପାତ୍ରଙ୍କୁ ବିଦ୍ୟା ବାଚସ୍ପତି ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଟୋକାଗଣେଶ, ପିଲା ଗଣେଶ, କାଞ୍ଚନ ଗଣେଶ କମିଟିର ସଭାପତିଙ୍କ ସମେତ ବିଭିନ୍ନ ପ୍ରତିଭା ସମ୍ବର୍ଦ୍ଧିତ ହୋଇଥିଲେ। ବିଦ୍ୟାଧର ସାହୁ ମଞ୍ଚ ସଂଯୋଜନା, କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ସିଲେଇ ମେଶିନ ପ୍ରଦାନ



ଇମାମୀ ପକ୍ଷରୁ ମହିଳାଙ୍କୁ ସିଲେଇ ମେଶିନ୍ ପ୍ରଦାନ କରାଯାଉଛି।

ବାଲେଶ୍ୱର, ୬।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ ପକ୍ଷରୁ ମହିଳାଙ୍କୁ ସାବଲମ୍ବୀ କରିବା ପାଇଁ ୧୨ଟି ସିଲେଇ ମେଶିନ ନୂତନ ଭାବେ ଗଠିତ ହେଇଥିବା ଜନନୀ ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଛି। ଏହି ଅବସରରେ ଇମାମୀନଗରସ୍ଥିତ ଜଗନ୍ନାଥ ମନ୍ଦିର ଆରତୀ ମଣ୍ଡପରେ ଆୟୋଜିତ ସଭାରେ ଇମାମୀର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ସାଧାରଣ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି, ଇମାମୀ ମହିଳା କ୍ଲବର ସଭାପତି ବନ୍ଦନା ଗୁପ୍ତା, ତାଲିମ କେନ୍ଦ୍ରର ପ୍ରଶିକ୍ଷକ ହୃଷିକେଶ ମିଶ୍ର, ମିଶନ ଶକ୍ତି ଜିଲା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ, ବ୍ଲକ ସଂଯୋଜିକା ବନ୍ଦିତା ବେହେରା, ପୂର୍ବତନ ସରପଞ୍ଚ ଦେବବ୍ରତ ମାଝି ଓ ରେଣୁକା ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

ଇମାମୀ ପକ୍ଷରୁ ମହିଳା ସଶକ୍ତିକରଣ ନିମନ୍ତେ ୧ ବର୍ଷ ପୂର୍ବେ ଆରମ୍ଭ କରାଯାଇଥିବା ସିଲେଇ ତାଲିମ କେନ୍ଦ୍ରରେ ଦୁଇଟି ପର୍ଯ୍ୟାୟରେ ୫୦ ମହିଳାଙ୍କୁ ତାଲିମ ପ୍ରଦାନ ସରିଛି। ଏବେ ତୃତୀୟ ପର୍ଯ୍ୟାୟରେ ଆଉ ୨୫ଜଣ ମହିଳାଙ୍କୁ ତାଲିମ ଜାରି ରହିଛି। ଉକ୍ତ ତାଲିମ କେନ୍ଦ୍ରର ସମସ୍ତ ଖର୍ଚ୍ଚ ଇମାମୀ ପକ୍ଷରୁ ବହନ କରାଯାଉଥିବା ଜଣାପଡ଼ିଛି। ସେହି ତାଲିମ କେନ୍ଦ୍ରରେ ତାଲିମପ୍ରାପ୍ତ ମହିଳାଙ୍କୁ ସାବଲମ୍ବୀ ହେବା ନିମନ୍ତେ ସିଲେଇ ମେଶିନ ପ୍ରଦାନ କରାଯାଇଛି। ଏହାସହ ଆନୁଷଙ୍ଗିକ କପଡ଼ା ମଧ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିସହିତ ମହିଳାମାନେ ଇମାମୀ କର୍ମଚାରୀ ଏବଂ ସ୍କୁଲ ଛାତ୍ରୀଛାତ୍ରଙ୍କ ଲାଗି ପୋଷାକ ମଧ୍ୟ ତିଆରି କରିପାରିବେ। ଇମାମୀର ଏଜିଏମ୍ ତଥା ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଡିଜିଏମ୍ ଦେବବ୍ରତ ହୋତା, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସ ସାମନ୍ତରାୟ, ମାନବ ସମ୍ବଳ ବିଭାଗର ବିଚିତ୍ର ସ୍ୱାଇଁ, ଜିତେନ୍ଦ୍ର ଉପାଧ୍ୟାୟ ଓ ଅକ୍ଷୟ କିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୬।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କୁ ମଙ୍ଗଳବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଆରସିସି ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଓ ଅଲୋଷ୍ଟାର ସଭାପତି ପ୍ରଫୁଲ୍ଲ କୁମାର ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଏକାଧାରରେ ଜଣେ ଶିକ୍ଷକ, କବି, ନାଟ୍ୟକାର ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅତିଥିମାନେ ପ୍ରକାଶ କରିଥିଲେ। ବିଜୟ କୁମାର ଦ୍ୱିବେଦୀ, ନାରାୟଣ ପେଡା, ଲକ୍ଷ୍ମଣ କୁମାର ସେନ, ହେମକାନ୍ତ ସିଅଳ, ଶଙ୍କର୍ଷଣ ଜେନା ଓ ଅରୁଣ କୁମାର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଯମୁନା ବାରିକଙ୍କ ତରଫରୁ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଈପ୍‌ସିତା ସେଠୀ, କୈଳାସ ଚନ୍ଦ୍ର ମାଝି, ବାସନ୍ତୀ ନାୟକ, ହରେକୃଷ୍ଣ ବିଶ୍ୱାଳ, ସବିତା ପାଣିଗ୍ରାହୀ ଓ କୁଶଭଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଅଙ୍ଗନୱାଡି କେନ୍ଦ୍ରକୁ ନାହିଁ ରାସ୍ତା



ମହାନ୍ତିପଡ଼ା ଅଙ୍ଗନୱାଡି କେନ୍ଦ୍ର।

ଆଗରପଡ଼ା,୬।୧୦ (ସୁଶାନ୍ତ କୁମାର ଦାଶ)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ମହାନ୍ତିପଡ଼ା ପଞ୍ଚାୟତର ମହାନ୍ତିପଡ଼ା– ୨ ଅଙ୍ଗନୱାଡି କେନ୍ଦ୍ରକୁ ଭଲ ରାସ୍ତାଟିଏ ନାହିଁ। ବର୍ଷାଦିନେ କୁନିକୁନି ପିଲାମାନେ ପାଣି କାଦୁଅରେ ପଶି ଯାତାୟାତ କରୁଛନ୍ତି। ଅଭିଭାବକ ଶୁଭେନ୍ଦୁ କୁମାର ବେହେରା ଅଭିଯୋଗ କରିଛନ୍ତି ଯେ, ଅଙ୍ଗନୱାଡି କେନ୍ଦ୍ର ପରିସରରେ ଅନେକ ଦିନ ହେଲା ମାଟି ପଡ଼ିଥିବା ବେଳେ ସାମାନ୍ୟ ବର୍ଷାରେ ପରିସର କାଦୁଅ ପଚପଚ ହୋଇଯାଉଛି। ସେହି କାଦୁଅରେ ପଶି ପିଲାମାନେ ଯିବା ବେଳେ ପାଦ ଖସିଯାଇ ପଡ଼ିଯିବାରୁ ଅଧିକାଂଶ ବେଳେ ପାଣି କାଦୁଅରେ ଜୁବୁବୁବୁ ହେଉଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନିହାର ରଞ୍ଜନ ପଣ୍ଡା କହିଛନ୍ତି, ଅନେକ ଦିନ ପୂର୍ବରୁ ବ୍ଲକରେ ସୁପାରିଶ କରି ରାସ୍ତା ଏବଂ ଚତୁଃପାର୍ଶ୍ୱରେ ପେଭର୍ସ ପକାଇବା ପାଇଁ ବ୍ଲକ ପକ୍ଷରୁ ଅନୁମୋଦନ ହୋଇସାରିଛି। ବର୍ଷାଦିନ ଯୋଗୁ କାମ କରିବା ସମ୍ଭବ ହୋଇନାହିଁ। ତେବେ ବର୍ଷାଋତୁ ପରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

## ସଚେତନତା ବାର୍ତ୍ତା ବାଣ୍ଟିଲା ସାଇବର ରଥ

ପାଟଣା,୬।୧୦(ବୀର କିଶୋର ଦାଶ): ପାଟଣା ଥାନା ଅଞ୍ଚଳରେ ଶୁକ୍ରବାର ସାଇବର ଅପରାଧ ସଚେତନତା ରଥ ପହଞ୍ଚିଛି। ଓଡ଼ିଶା ପୋଲିସ ଓ ବ୍ୟାଙ୍କ ଅଫ ଇଣ୍ଡିଆ ମିଳିତ ଉଦ୍ୟମରେ ରଥ ବୁଲୁଥିବା ବେଳେ ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ସ୍ୱାଗତ କରାଯାଇଥିଲା। ସାଇବର ଏକ୍ସପୋର୍ଟମାନେ ସାଇବର ଠକେଇରୁ ବର୍ତ୍ତିବା ଉପାୟ ଛାତ୍ରୀଛାତ୍ରଙ୍କୁ ଟୋଲ ଫ୍ରି ନମ୍ବର ୧୯୩୦ର ସହାୟତା ନେବାକୁ ସଚେତନ କରିଥିଲେ। ପାଟଣା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ବଜାର ପରିକ୍ରମା କରିଥିଲା। ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ, ନୋଡାଲ ଅଫିସର ସାଇବର ଆୱାର ନେସ ପ୍ରୋଗ୍ରାମର ଡିଏସପି ଅମ୍ବିତ ମହାନ୍ତି, ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ, ପାଟଣା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ନିହାର ସାମନ୍ତ ରାୟ, ସଦର ସାଇବର ଥାନା ଅଧିକାରୀ ସେରଫେନା ଖେସ ପ୍ରମୁଖ ସାମିଲ ଥିଲେ।



ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ଅନ୍ୟମାନେ।

## ୪ ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ପାଟଣା,୬।୧୦(ବୀରକିଶୋର ଦାଶ)

ପାଟଣା ରେଞ୍ଜ ରାଇଡ଼ିହା ବିଟ୍ ଅଞ୍ଚଳରେ ଗୋଠଛଡ଼ା ଦନ୍ତା ଗୁରୁବାର ରାତିରେ ପୁରୁଣା ପାଣିର ୱାର୍ଡ ମେମ୍ବର ପାଣ୍ଡ ମୁଣ୍ଡା ଓ ଟଭାସରୁଆର ଗୌରୀ ମହାରଣାଙ୍କ ଖପର ଘର ଭାଙ୍ଗିଦେଇଛି। ବୁଧବାର ଉଦୟପୁର ବିଟ୍ ଅଞ୍ଚଳ ବରବେଡ଼ାର ଦୟାନିଧି ନାଏକ ଓ ହଳଦୀବଟା ମୁଣ୍ଡାସାହିର ଦଡ଼େ ମୁଣ୍ଡାଙ୍କ ଘର ଭଙ୍ଗିଥିଲା। ଦନ୍ତା ଶୁକ୍ରବାର ବିରଳ ନଦୀକୂଳ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲରେ ଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି। ପାଟଣା ଅଞ୍ଚଳରେ ୯ ଟିକିଆ ହାତୀପଲ ମଧ୍ୟ ବ୍ୟାପକ ଫସଲ ନଷ୍ଟ କରିଥିବା ପାଟଣା ବନପାଳ ପିଅନ ନାଏକ କହିଛନ୍ତି।

## ମିଳିମିଶି କାମ କରିବାକୁ ପରାମର୍ଶ

### ପୋଲିସ ହାବିଲଦାର, କନଷ୍ଟେବଲ ସଂଘର ଶପଥ ଗ୍ରହଣ ସମାରୋହ

ବାରିପଦା,୬।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ପୋଲିସ ହାବିଲଦାର ଓ କନଷ୍ଟେବଲ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଶୁକ୍ରବାର ଭଞ୍ଜପୁରସ୍ଥିତ ସଂଘ କାର୍ଯ୍ୟାଳୟରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡିଏସ୍‌ପି ଅଜୟ କୁମାର ନବ ନିର୍ବାଚିତ ସଦସ୍ୟମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ପରେ ଏକ ସାଧାରଣ ଅଧିବେଶନରେ ସଂଘର ସଭାପତି ବିକାଶ କୁମାର ବାରିକ ଓ ସମ୍ପାଦକ ସୁରଜ କୁମାର ରାଜ(ଭାଲୁଭାଇ)ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଉମାଶଙ୍କର ପଣ୍ଡା, ସମ୍ମାନିତ ଅତିଥି ଆର୍‌ଆଇ କବି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ମିଳିମିଶି କାର୍ଯ୍ୟ କରିବା ସହିତ କର୍ମଚାରୀଙ୍କ ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ଉପସଭାପତି ବିପିନ ଚନ୍ଦ୍ର ନାଏକ, ସହ ସମ୍ପାଦକ ନିର୍ମଳ ମହାନ୍ତ ଓ ପ୍ରଫୁଲ୍ଲ ସର୍ଦ୍ଦାର, କୋଷାଧ୍ୟକ୍ଷ ଭୀମସେନ ମହାନ୍ତ, ସଦସ୍ୟ ଚନ୍ଦ୍ରକାନ୍ତି ସାହୁ, ଦେବୀଲାଲ ଟୁଡୁ, ଯତୀନ କୁମାର ପାତ୍ର, ଝିଲିମଣି ମହାନ୍ତ ଓ କିରଣ କୁମାର ସାତୁଆ ପ୍ରମୁଖ ଆଲୋଚନାରେ ଭାଗ ନେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଲାଗି ନିଷ୍ପତ୍ତି ନେଇଥିଲେ।





ସାଧାରଣ ଅଧିବେଶନରେ ଉପସ୍ଥିତ ଅତିଥିମାନେ।

## କେନ୍ଦୁଝରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ଢେଙ୍କିକୋଟ,୬।୧୦(ନୀଳମଣି ମଣ୍ଡଳ)

ବିଜେଡି ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଓ ନେହେରୁ ଜୟନ୍ତୀଠାରୁ ରାଜ୍ୟ ବ୍ୟାପି ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଶୁଭାରମ୍ଭ ସମୟରେ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟର ଜନସାଧାରଣ ଜନହିତକର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଶୁକ୍ରବାର କେନ୍ଦୁଝର ଜିଲା ବିଜେଡି ପକ୍ଷରୁ ଜିଲାର ମୁଖ୍ୟ ତଥା ମଧ୍ୟଭାଗ କୁହାଯାଉଥିବା ଢେଙ୍କିକୋଟ ପଞ୍ଚାୟତଠାରୁ ଶୁଭାରମ୍ଭ କରାଯାଇଛି। ଘସିପୁରା ବିଧାୟକ ତଥା ଜିଲାର ଟାଣୁଆ ନେତା ବଦ୍ରିନାରାୟଣ ପାତ୍ରଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ସକାଳ ୧୦ ଟାରୁ ଢେଙ୍କିକୋଟ ହାଇସ୍କୁଲ ପଡ଼ିଆରୁ ବାହାରି ଗାଁ, ବଜାର ପରିକ୍ରମା କରି ଆରଏମସି ହାଟ ପଡ଼ିଆଠାରେ ପହଁଞ୍ଚିଥିଲା। ଢେଙ୍କିକୋଟ ହାଇସ୍କୁଲ ଖେଳପଡ଼ିଆଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ମୁଖ୍ୟ ବକ୍ତାଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାୟକ, ସମ୍ମାନୀୟ ଅତିଥିଭାବେ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, କେନ୍ଦୁଝର ସମବାୟ ସମିତି ବ୍ୟାଙ୍କର ସଭାପତି କାହ୍ନୁଚରଣ ପହି, ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଉପାଧ୍ୟକ୍ଷ ଯଦୁମଣୀ ନାୟକ, ବିଜେଡି ମହିଳା ଜିଲା ସଭାପତି ତଥା ଜିଲା ପରିଷଦ ସଦସ୍ୟା ରମଣୀ ନାୟକ, ଘସିପୁରା ବ୍ଲକ୍ ଜିଲା ପରିଷଦ ସଦସ୍ୟ ସଞ୍ଜୟ ମଲ୍ଲିକ, ପଣ୍ଡାପଡ଼ା ଜୋନ ୭ ନଂ. ଜିଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ, ଜିଲା ମହିଳା ମର୍ଚ୍ଚା ସାଧାରଣ ସମ୍ପାଦିକା ସୁମିତା ମହାନ୍ତ, ଢେଙ୍କିକୋଟ ସରପଞ୍ଚ ଖଇର ନାଏକ, ଜିଲା ପୂର୍ବତନ ସଂଖ୍ୟାଲଘୁ ସେଲ ସଭାପତି ସେକ ତାହିର, ଜିଲା ଯୁବ ବିଜେଡି ଉପସଭାପତି ଏମ୍‌ଡି ଇମ୍ରାନ, ଘସିପୁରା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ପାଟଣା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଜିଲା ବିଜେଡି ଜୀବନ ବନ୍ଧୁ ସଂଯୋଜକ ପ୍ରଦୀପ ସାହୁ, ଘସିପୁରା ବ୍ଲକ୍ ଉପାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଘଟଗାଁ ବ୍ଲକ୍ ବିଜେଡି ସଭାପତି ଦଳଗୋବିନ୍ଦ ବେହେରା ପରିଚାଳନା କରିଥିଲେ।





ମଞ୍ଚରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

## ଯୁବକଙ୍କ ଆତ୍ମହତ୍ୟା

**ପାଟଣା,(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ସାହାରପଡ଼ା ପଞ୍ଚାୟତ ଆହାରପଡ଼ା ଗ୍ରାମ ମୁଣ୍ଡାସାହିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଉକ୍ତ ଗ୍ରାମର ରିଟୁ ମୁଣ୍ଡାଙ୍କ ପୁଅ ଶୁକ୍ରା ମୁଣ୍ଡା(୩୫)। ସେ ଗୁରୁବାର ରାତିରେ ଘର ଭିତରେ ବେକ୍‌ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା ପହଞ୍ଚି ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୪/୨୩) ରୁଜୁ ହୋଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ୩ ଶିଶୁଙ୍କୁ ଥଇଥାନକଲା ଜିଲା ଆଇନସେବା ପ୍ରାଧିକରଣ

**କେନ୍ଦୁଝର,୬।୧୦(ଦୀପକ ମିଶ୍ର):** କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୩ ଅସହାୟ ଶିଶୁଙ୍କୁ ଥଇଥାନ ବ୍ୟବସ୍ଥା କରାଯାଇଛି। ଜିଲା ଆଇନସେବା ପ୍ରାଧିକରଣ ପାରା ଆଇନ ସ୍ୱେଚ୍ଛାସେବୀ ବନଲତା ଜେନା ଓ ରିଟେନର ତଥା ସରକାରୀ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା ୩ ଶିଶୁଙ୍କ ଥଇଥାନ ବ୍ୟବସ୍ଥାରେ ସହଯୋଗ କରିଥିଲେ। ସଦର ଥାନା ଠାକୁରଡିହି ଗ୍ରାମର ମିଥୁନ ମୁଣ୍ଡାଙ୍କ ପତ୍ନୀ ଗହମୀ ମୁଣ୍ଡା ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ଫଳରେ ତାଙ୍କର ୩ ଶିଶୁ ମାଆ ଛେଉଣ୍ଡ ହୋଇଯାଇଥିବା ବେଳେ ମିଥୁନ ଭରଣପୋଷଣ କରିବାରେ ଅସମର୍ଥ ଥିଲେ। ଆଇନସେବା ପ୍ରାଧିକରଣର ରିମାଣ୍ଡ ଆଡ୍‌ଭୋକେଟ ପ୍ରଶାନ୍ତ ଜେନା ପିଲାଙ୍କ ଥଇଥାନ ପାଇଁ ଜିଲା ଆଇନସେବା ପ୍ରାଧିକରଣର ସଚିବଙ୍କୁ ନିବେଦନ କରିଥିଲେ। ସଚିବ ମାମି ବେହେରା ମାମଲା ଶୁଣିବା ପରେ ଶିଶୁ ସୁରକ୍ଷା କମିଟି ସହ ଯୋଗାଯୋଗ କରି ବଣିଆପାଟର ଓପନ ସେଲଟରରେ ଥଇଥାନ ବ୍ୟବସ୍ଥା କରାଯାଇଥିଲା।

### ଉପସ୍ୱାସ୍ଥ୍ୟକେନ୍ଦ୍ରରେ ବିକ୍ଷୋଭ

**ଭୋଗରାଇ, ୬।୧୦(ପ୍ରଦୀପ ଦାସ):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନସ୍କରପୁର ଉପ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସମ୍ମୁଖରେ ଶୁକ୍ରବାର ଏଏନ୍ଏମ୍ ବଦଳି ଦାବିରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରୋଗୀଙ୍କୁ ଏଏନ୍ଏମ ଦୁର୍ବ୍ୟବହାର କରିବା, ରୋଗୀସେବା ଯୋଗାଇ ନ ଦେବା ସର୍ବୋପରି କର୍ତ୍ତବ୍ୟରେ ଅବହେଳା କରିବା ପ୍ରତିବାଦରେ ନାରାବାଜି ପ୍ରଦର୍ଶନ କରିଥିଲେ ଶତାଧିକ ବିକ୍ଷୋଭକାରୀ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା କରାଯାଇ ୩ ଦିନ ମଧ୍ୟରେ ଏହି ଏଏନ୍ଏମ୍‌ଙ୍କୁ ବଦଳି କରା ନ ଗଲେ ବ୍ୟାପକ ଗଣଆନ୍ଦୋଳନ କରାଯିବା ସହ ରାସ୍ତାରୋକୋ କରାଯିବ ବୋଲି ଗ୍ରାମବାସୀ ଘୋଷଣା କରିଛନ୍ତି।

### ଚାକିରି କରାଇଦେବା ନାଁରେ ଠକେଇ ରେଳକର୍ମଚାରୀଙ୍କ ନାମରେ ଥାନାରେ ଅଭିଯୋଗ

**ଜଳେଶ୍ୱର, ୬।୧୦(ରବିନାରାୟଣ ପାତ୍ର)**-ରେଳ ବିଭାଗରେ ଚାକିରି କରାଇଦେବା ନାଁରେ ଜଣେ ଛାତ୍ର ଠକେଇର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଜଳେଶ୍ୱର ଅଞ୍ଚଳର ଜଣେ ୪ର୍ଥ ଶ୍ରେଣୀ ରେଳ କର୍ମଚାରୀଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ବାଲିଆପାଳ ଥାନା ତାପଣ୍ଡିଆ ଗାଁର ଅଜୟ କୁମାର ପ୍ରଧାନଙ୍କ ପୁଅ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ଚାକିରି କରାଇଦେବା ନାମରେ ଉକ୍ତ ରେଳ କର୍ମଚାରୀ ଓ ତାଙ୍କ ଭାଇ ୧ଲକ୍ଷ ୮୫ହଜାର ଟଙ୍କା ନେଇ ଠକିଥିବା ଅଭିଯୋଗ ହୋଇଛି । ମୋଟ ୫ଲକ୍ଷ ଟଙ୍କାରେ ଚାକିରି କରାଇଦେବା ନାମରେ ଅଗ୍ରୀମ ନେଇଥିବା ବେଳେ ଏବେ ଚାକିରି ବଦଳରେ ଟଙ୍କା ମାଗିଲେ ଜୀବନରୁ ବରବାଦ କରିଦେବାର ଧମକ ଦେଉଥିବାରୁ ଅଜୟ ପ୍ରଧାନ ଜଳେଶ୍ୱର ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# ଚୋରା ବେପାରୀଙ୍କୁ କାବୁକଲେ ମହିଳା

- ଅନ୍ୟଜଣେ ଫେରାର
- ରାତିଅଧରେ କାଟୁଥିଲେ ଶାଳଗଛ
- ୫୦ ହଜାର ଟଙ୍କାର କାଠ ଜବତ

**ରୂପସା, ୬।୧୦(ବାଞ୍ଛାନିଧି ଦେ)**


ଜବତ ଶାଳଗଛ ଗଣ୍ଡି ସହ ଗ୍ରାମବାସୀ ଓ ପୋଲିସ।

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଅଞ୍ଚଳରେ ଚୋରା କାଠବେପାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗୁରୁବାର ରାତିରେ ୮ରୁ ୧୦ଜଣ ଚୋରା ବେପାରୀ ଓ କଟାଳି ସ୍ଥାନୀୟ ଜଙ୍ଗଲରୁ ଏକ ବୃହତ ଶାଳ ଗଛ କାଟି ଚୋରାଚାଲାଣ ଉଦ୍ୟମ କରୁଥିଲେ। ଗଛ ପଡ଼ିବା ଶବ୍ଦ ଶୁଣି ଗାଁର ମହିଳାମାନେ ଏକଜୁଟ ହୋଇ ୨ ଜଣ ଯୁବକଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ବାଇକ ଓ ପିକଅପ୍ ଭ୍ୟାନ୍ ନେଇ ଚମ୍ପଟ ମାରିଥିଲେ। ସେହି ଦୁଇ ଜଣ ଯୁବକ ହେଲେ ଲଛମନଖୁଣ୍ଟା ଗ୍ରାମର ମୀର ଅଲିମ ଅଲ୍ଲୀ ଓ ରାଉତପଡ଼ା ପଞ୍ଚାୟତ କାଛି ବସ୍ତିର ତାଜୁ ଓରଫ ଆଲ୍ଲାରେଖା ବେଗ। ଚୋରା ବେପାରୀଙ୍କ ସର୍ଦ୍ଦାର କୁହାଯାଉଥିବା ମୀର ଅଲିମ ଅଲ୍ଲୀ ଅନ୍ୟ ଅଭିଯୁକ୍ତଙ୍କୁ ଆଣିବାକୁ ଯାଉଛି କହି ମହିଳାଙ୍କ କବଳରୁ ଦୌଡ଼ି ପଳାଇବାରେ ସମର୍ଥ ହୋଇଥିଲା। ଖବର ପାଇ ଶୁକ୍ରବାର ସକାଳେ ଫରେଷ୍ଟର ଇତିଶ୍ରୀ ମହାପାତ୍ର, ଫରେଷ୍ଟଗାର୍ଡ଼ ଶଶାଙ୍କ ଜେନା ଓ ତପନ କୁମାର ଜେନା ପ୍ରମୁଖ ରୂପସା ଥାନା ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। କଟାଯାଇଥିବା ମୂଲ୍ୟବାନ ଶାଳଗଛର ୪ଟି କାଠ ଗଣ୍ଡିକୁ ଜବତ କରିବା ସହ ଅଭିଯୁକ୍ତ ତାଜୁଙ୍କୁ ଗିରଫ କରିଥିଲେ। ଚୋରା ବେପାରୀମାନେ ଅନ୍ୟ ଦୁଇଟି ଶାଳ ଗଛକୁ କାଟିବା ପାଇଁ ଗଛ ମୂଳକୁ ଅଧାହଣା କରି ରଖିଥିବା ଦେଖିବାକୁ ମିଳିଛି। ଏନେଇ ବନବିଭାଗ ପକ୍ଷରୁ ଓଡ଼ିଶା ଫରେଷ୍ଟ ଆକ୍ଟ ୨୭, ୭୩ ଅନୁଯାୟୀ ଏକ ମାମଲା (ନଂ. ୪୩/୨୦୨୩-୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ କାଠର ମୂଲ୍ୟ ଆନୁମାନିକ ୫୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଲଛମନଖୁଣ୍ଟାଠାରେ ବେଧଡ଼କ ଭାବେ ଚାଲୁଥିବା ଏକ ବେଆଇନ କରତକଳର ମାଲିକ ଶୁକ୍ରବାର ସମସ୍ତ ଯନ୍ତ୍ରାଂଶ ଖୋଲି ଲୁଚାଇ ଦେଇଥିବା ଦେଖିବାକୁ ମିଳିଛି। ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭାଗ ନେଲେ ୧୪୮୦୪ ଛାତ୍ରୀଛାତ୍ର


ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ବାରିପଦା,୬।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

### ସାଇବର ସୁରକ୍ଷା ପ୍ରତିଯୋଗିତା

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ସାଇବର ସୁରକ୍ଷା ସଚେତନତା ଅଭିଯାନରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଛି। ଜିଲା, ବ୍ଲକ ଶିକ୍ଷାଧିକାରୀ ଓ କଲେଜର ଅଧକ୍ଷମାନଙ୍କ ସହଯୋଗ କ୍ରମେ ଜିଲାର ୨୬ଟି ବ୍ଲକରେ ଥିବା ୫୦୩ ସ୍କୁଲ, ୫୬ ଉଚ୍ଚ ମାଧମିକ ସ୍କୁଲ ଓ ୨୧ଟି ଡିଗ୍ରୀ କଲେଜରେ ସାଇବର ଅପରାଧ ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା ସମ୍ପନ୍ନ ହୋଇଛି। ଏଥିରେ ମୋଟ ୧୪୮୦୪ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ଓ କଲେଜ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ନେଇ ବ୍ଲକସ୍ତରରେ ଆସନ୍ତା ୯ ତାରିଖରେ ଓ ବ୍ଲକସ୍ତରରୁ କୃତୀତ୍ୱ ଅର୍ଜନ କରିଥିବା ୩ଜଣଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା ୧୨ତାରିଖରେ ଅନୁଷ୍ଠିତ ହେବ। ଜିଲାସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଜିଲା ମୁଖ୍ୟାଳୟରେ ପୁରସ୍କୃତ କରାଯିବ ବୋଲି ଜିଲା ପୋଲିସ ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

# ବାହାନଗା ପଞ୍ଚାୟତ ସମିତି ବୈଠକ ବାତିଲ


ବୈଠକ ବାତିଲ ପରେ ସଭ୍ୟାସଭ୍ୟମାନେ ଆଲୋଚନା କରୁଛନ୍ତି।

**ବାହାନଗା, ୬।୧୦(ଅରୂପ୍ କୁମାର ଦାସ)**

ଶୁକ୍ରବାର ଥିଲା ବାହାନଗା ବ୍ଲକ ପଞ୍ଚାୟତ ସମିତି ବୈଠକ। ଦୀର୍ଘ ଦିନ ପରେ ବୈଠକ ଡକାଯାଇଥିଲେ ମଧ୍ୟ ରାଜ୍ୟ ସରପଞ୍ଚ ସଂଘ ଓ ରାଜ୍ୟ ସମିତିସଭ୍ୟାସଭ୍ୟ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ପଞ୍ଚାୟତସ୍ତରୀୟ ସରକାରୀ କାର୍ଯ୍ୟକୁ ବର୍ଜନ କରୁଛନ୍ତି । ଏହି ସମୟରେ ବାହାନଗା ବ୍ଲକ ପକ୍ଷରୁ ପଞ୍ଚାୟତ ସମିତି ବୈଠକ ଡକାଯାଇଥିବାରୁ ତାହାକୁ କିଛି ସରପଞ୍ଚ ଓ ସମିତିସଭ୍ୟାସଭ୍ୟମାନେ ବିରୋଧ କରୁଥିବା ବେଳେ ଆଉ କିଛି ସମର୍ଥନ କରୁଥିଲେ । ମାତ୍ର ବୈଠକ ଆରମ୍ଭ ହୋଇ ଅଧ୍ୟକ୍ଷଙ୍କ ଅଭିଭାଷଣ ପରେ ନିଜେ ଅଧ୍ୟକ୍ଷ ସମିତି ବୈଠକକୁ ବାତିଲ ହେଲା ବୋଲି ଘୋଷଣା କରିଥିଲେ। ଫଳରେ ରାଜ୍ୟ ସରପଞ୍ଚ ସଂଘ ଓ ରାଜ୍ୟ ସମିତିସଭ୍ୟାସଭ୍ୟ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନର ପ୍ରଭାବ ବାହାନଗା ବ୍ଲକରେ ପ୍ରତିଫଳନ ହୋଇଛି। ବୈଠକରେ ସଭାପତିତ୍ୱ କରିଥିଲେ ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର। ଏଥିରେ ବିଡିଓ ଗୌରାଙ୍ଗ ଘୋଷ, ଉପାଧ୍ୟକ୍ଷ ବାସନ୍ତୀ ପତି, ୧୮ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ନିଳାମ୍ବର ମହାଳିକ, ସୋର ବିଧାୟକଙ୍କ ପ୍ରତିନିଧି ଗୋଲକ ପୁହାଣ, ନୀଳଗିରି ବିଧାୟକଙ୍କ ପ୍ରତିନିଧି ଭବାନୀ ଶଙ୍କର ଦାଶ, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ଜିପିଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଭା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା ବେଳେ ସଭାପତି ଅଧ୍ୟକ୍ଷ ନିଜର ଅଭିଭାଷଣ ଦେବା ପରେ ବୈଠକକୁ ବାତିଲ କରିଦେଇଥିଲେ। ଫଳରେ ପଞ୍ଚାୟତର ଜନପ୍ରତିନିଧି ତଥା ସରପଞ୍ଚ ଓ ସମିତିସଭ୍ୟମାନେ ସ୍ୱାଗତ ଜଣାଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ମାତ୍ର ପଞ୍ଚାୟତ ସମିତି ବୈଠକକୁ କରାଇ ନ ଦେବା ପାଇଁ କେତେକ ସରପଞ୍ଚ ଓ ସମିତିସଭ୍ୟମାନେ ପୂର୍ବ ଯୋଜନା ଅନୁଯାୟୀ ବୈଠକକୁ ଆସିଥିଲେ। ମାତ୍ର ବ୍ଲକ ଅଧକ୍ଷ ବାତିଲ କରିଦେବା ଉପସ୍ଥିତ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ହଠାତ ଅଧକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ସପକ୍ଷବାଦୀ ଓ ବିପକ୍ଷବାଦୀମାନେ ବୁଝିପାରି ନ ଥିଲେ। ପରେ ରିଜୋଲେସନ ଖାତାରେ ବୈଠକ ବାତିଲ ହେଲା ବୋଲି ଲେଖାଯିବା ପରେ ସମସ୍ତ ସଭ୍ୟ ଦସ୍ତଖତ କରି ନିଜ ସିଟ୍‌ରୁ ଉଠି ପଳାଇଥିଲେ। ଏବାବଦରେ ବିଡିଓ ଗୌରାଙ୍ଗ ଘୋଷ କହନ୍ତି ବୈଠକ ହେବା ପାଇଁ ଆମେ ଡାକିଥିଲୁ। ମାତ୍ର ଚେୟାରମ୍ୟାନ ବୈଠକକୁ ନିଜ ତରଫରୁ ବାତିଲ କରିଥିଲେ ।

# ଟ୍ରକ୍ ଧକ୍କାରେ ବାପାଙ୍କ ମୃତ୍ୟୁ, ପୁଅ ଗୁରୁତର

**ବଡବିଲ,୬।୧୦(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର କାଶିଆ ଛକ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏଥିରେ ବାପାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୫ ବର୍ଷର ପୁଅ ଗୁରୁତର ହୋଇଛନ୍ତି। ମୃତକ ଚମ୍ପୁଆ ଥାନା ବାଙ୍କ ଅଞ୍ଚଳର ପ୍ରଫୁଲ୍ଲ କାରୁଆ। ଗୁରୁତର ଶିଶୁପୁତ୍ର ଚନ୍ଦନଙ୍କୁ ଉଦ୍ଧାର କରାଯାଇ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରଫୁଲ୍ଲ ରୁଗୁଡ଼ି ଅଞ୍ଚଳରେ ରହି ସୁଇପର ଭାବରେ କାମ କରନ୍ତି। ଶୁକ୍ରବାର ବାଇକରେ ପୁଅକୁ ବସାଇ ଭଦ୍ରାସାହି ପଟୁ ରୁଗୁଡ଼ି ଅଭିମୁଖେ ଯାଉଥିଲେ। ଜାତୀୟ ରାଜପଥର ଗୋଟିଏ ଲେନ୍‌ରେ ଏକ ଟ୍ରକ୍ ଯାଉଥିଲା। ପ୍ରଫୁଲ୍ଲ ବାଇକ୍‌ରେ ଡାହାଣ ପଟେ ଅତିକ୍ରମ କରୁଥିବା ବେଳେ କାଶିଆ ଛକରେ ଟ୍ରକ୍ ଡ୍ରାଇଭର ଡାହାଣକୁ କାଟିଦେବାରୁ ବାଇକ ସହ ଟ୍ରକ୍ ଧକ୍କା ହୋଇଥିଲା। ଏଥିରେ ପ୍ରଫୁଲ୍ଲଙ୍କ ବେକ କଟିଯାଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ପ୍ରଫୁଲ୍ଲଙ୍କ ପୁଅ ଚନ୍ଦନଙ୍କ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବାବେଳେ ତାଙ୍କର ବାମ ଗୋଡ଼ ଭାଙ୍ଗି ଗୁରୁତର ହୋଇଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ଟ୍ରକ ଜବତ କରି ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୮୩/୨୩)ରେ ରୁଜୁ ହୋଇଛି।

# ସମର୍ଥନ ଜଣାଇଲେ ମୋହନ ମାଝି

### ପଞ୍ଚମ ଦିନରେ ଗାଁ ସାଥୀଙ୍କ ଗଣଧାରଣା

**କେନ୍ଦୁଝର,୬।୧୦(ଦୀପକ ମିଶ୍ର)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାଁ ସାଥୀ ମେଟ୍ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅକ୍ଟୋବର ୨ଠାରୁ ଆରମ୍ଭ ହୋଇଥିବା ସାମୂହିକ ଗଣଧାରଣା ପଞ୍ଚମ ଦିନରେ ପହଞ୍ଚିଛି। ଆନ୍ଦୋଳନକୁ ଶୁକ୍ରବାର ଦିନ ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ସମର୍ଥନ ଜଣାଇ ଗଣଧାରଣାରେ ସାମିଲ ହୋଇଥିଲେ। ଗାଁ ସାଥୀ ମେଟମାନଙ୍କ ଆନ୍ଦୋଳନକୁ ନିସର୍ତ୍ତ ସମର୍ଥନ ସହ ଏ ନେଇ ଜିଲାପାଳ, ପିଡି ଡିଆର୍‌ଡିଏଙ୍କ ସହ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରିବେ ବୋଲି ମାଝି କହିଥିଲେ। ପ୍ରକାଶଯୋଗ୍ୟ, ଏନ୍ଏମ୍ଏମ୍ଏସ୍ କେବଳ ମନରେଗା କାର୍ଯ୍ୟରେ ନିଯୁକ୍ତି ପ୍ରାପ୍ତ ମେଟ୍ ମାନଙ୍କର ରେଜିଷ୍ଟ୍ରେସନ କରିବା ଓ ମେଟ୍ ବ୍ୟତୀତ ଅନ୍ୟ ବ୍ୟକ୍ତିବିଶେଷ ଓ ଏନ୍‌ଜିଓଙ୍କ ରେଜିଷ୍ଟ୍ରେସନ ରଦ୍ଦ, ଜିଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଓ ବ୍ଲକ୍ ମନରେଗା କାର୍ଯ୍ୟଗୁଡ଼ିକ ମେଟ୍‌ଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରି ମେଟ୍‌ମାନଙ୍କୁ ନିଯୁକ୍ତି ପ୍ରଦାନ, ମେଟ୍ ମଜୁରୀ ମେଟ୍ ମଷ୍ଟର ରୋଲରେ ସାପ୍ତାହିକ ପ୍ରଦାନ ଆଦି ଦାବିରେ ଗଣଧାରଣା ଜାରି ରହିଛି। ଦାବିପୂରଣ ନହେଲେ ସମସ୍ତ ଗାଁ ସାଥୀ ମେଟ୍ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।


ଧାରଣାରତ ଗାଁ ସାଥୀ ସଂଘର ସଦସ୍ୟମାନେ ।

# ବ୍ଲକ କାର୍ଯ୍ୟାଳୟରେ ୫ ସହକାରୀ ଯନ୍ତ୍ରୀ ପଦବୀ ଖାଲି

### ୩୧ ପଞ୍ଚାୟତକୁ ୧୧ ପିଇଓ

**ତିହିଡ଼ି,୬।୧୦(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ବିଭିନ୍ନ ସମସ୍ୟା ଉପୁଜୁଛି। ବ୍ଲକ କାର୍ଯ୍ୟାଳୟରେ ୫ ସହକାରୀ ଯନ୍ତ୍ରୀ ପଦବୀ ଦୀର୍ଘଦିନ ହେଲା ଖାଲିପଡ଼ିଛି। ୭ଜଣ କନିଷ୍ଠ ଯନ୍ତ୍ରୀ ଥିବାବେଳେ ଆଉ ୩ ଜଣଙ୍କର ଆବଶ୍ୟକ। ଏହି ପଦବୀ ପୂରଣ ହେଉ ନ ଥିବାରୁ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ ଅଧିକ ଚାପ ପଡୁଥିବା ଜଣାଯାଇଛି। ସେହିପରି ବ୍ଲକର ୩୧ ପଞ୍ଚାୟତରେ ମାତ୍ର ୧୧ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଅଛନ୍ତି। ଜଣେ ପିଇଓ ୩ରୁ ୪ ପଞ୍ଚାୟତର ଦାୟିତ୍ୱ ସମ୍ଭାଳୁଛନ୍ତି। ଏହାବ୍ୟତୀତ ବରିଷ୍ଠ କିରାଣି ଓ ଯୋଗାଣ ନିରୀକ୍ଷକ(ଏମ୍‌ଆଇ) ପଦବୀ ମଧ୍ୟ ଖାଲିପଡ଼ିଛି। ବରିଷ୍ଠ କିରାଣିଙ୍କ କାର୍ଯ୍ୟ ସେକ୍ସନ ଅଫିସର ତୁଲାଉଛନ୍ତି। ବାସୁଦେବପୁର ବ୍ଲକ ଏମ୍‌ଆଇଙ୍କୁ ତିହିଡ଼ି ବ୍ଲକକୁ ଡେପୁଟେଶନରେ ପଠାଯାଇଛି। ସେ ମାତ୍ର ୨ଦିନ ପାଇଁ ତିହିଡ଼ି ବ୍ଲକ କାର୍ଯ୍ୟାଳୟକୁ ଆସୁଥିବାରୁ ବିଭିନ୍ନ କାମ ପାଇଁ ଯାଉଥିବା ହିତାଧିକାରୀମାନେ ତାଙ୍କୁ ନ ପାଇ ନିରାଶରେ ଫେରୁଛନ୍ତି। ପଦବୀ ଖାଲି ପଡ଼ିଥିବାରୁ ଗାଁଗହଳିରେ ଥିବା ବିଭିନ୍ନ ସମସ୍ୟାର ଆଶୁ ସମାଧାନ ହୋଇପାରୁ ନାହିଁ। ତୁରନ୍ତ ଏହିସବୁ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିବାରୁ ବିଭିନ୍ନ ପଦବୀ ପୂରଣ ଦିଗରେ ପଦକ୍ଷେପ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଛନ୍ତି।

# ରାଜ୍ୟ ବାର୍ କାଉନସିଲ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

**କରଞ୍ଜିଆ,୬।୧୦(କବିତା ମହାନ୍ତ)**

ନବ ନିର୍ବାଚିତ ରାଜ୍ୟ ବାର କାଉନସିଲ ସଦସ୍ୟ ଗିରିଜା ଶଙ୍କର ମିଶ୍ରଙ୍କୁ ଶୁକ୍ରବାର କରଞ୍ଜିଆ ବାର୍ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କରଞ୍ଜିଆ ଗସ୍ତ ଅବସରରେ ସଦସ୍ୟ ମିଶ୍ରଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ସଦସ୍ୟ ମିଶ୍ର କରଞ୍ଜିଆ ବାର ଆସୋସିଏସନର ବିଭିନ୍ନ ସମସ୍ୟା, ଅନ୍ୟାନ୍ୟ ବିଷୟରେ ଅବଗତ ହୋଇଥିଲେ। ଆସୋସିଏସନର ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହିତ ସେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଇନଜୀବୀ ଜ୍ଞାନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସପନ ଶତପଥୀ. ଏସ କ୍ରିଷ୍ଣା କାନନ, ପ୍ରଶାନ୍ତ ପୂର୍ତ୍ତି, ସୁଦର୍ଶନ ବେହେରା, କାହ୍ନୁଚରଣ ଗିରି, ରବୀନ୍ଦ୍ର ନାଥ ମହାନ୍ତ, ଜଗମୋହନ ମହାନ୍ତ, ବାପି ମହାନ୍ତ, ଛବି ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।


ରାଜ୍ୟ ବାର୍ କାଉନସିଲ ସଦସ୍ୟ ଗିରିଜା ଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଆବାସରୁ ବଞ୍ଚିତ ଦିବ୍ୟାଙ୍ଗ ପ୍ରମିଳା


ପ୍ରମିଳା ମହାନ୍ତ।

**ଚମ୍ପୁଆ,୬।୧୦(ମହେଶ୍ୱର ଦାସ)**

ପିଲାଦିନରୁ କହିପାରୁନାହାନ୍ତି କି ଶୁଣିପାରୁନାହାନ୍ତି। ନିଜେ ଚଳିବାକୁ ଅକ୍ଷମ ହୋଇଥିବା ବେଳେ ବୃଦ୍ଧା ବୟସରେ ଭାଇଙ୍କ ହାତଟେକାକୁ ଚାହିଁ ରହୁଛନ୍ତି। ଦିବ୍ୟାଙ୍ଗ ଭତ୍ତା ଓ ଚାଉଳ ମିଳୁଥିବା ବେଳେ ଭଙ୍ଗା ଦଦରା ଘରେ କାଳାତିପାତ କରୁଛନ୍ତି। ଅନେକବାର ଆବାସ ପାଇଁ ଆବେଦନ କରିଥିଲେ ମଧ୍ୟ ମିଳିନାହିଁ ବୋଲି କ୍ଷୋଭର ସହ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ପଦୁଆ ପଞ୍ଚାୟତର ଦିବ୍ୟାଙ୍ଗ ପ୍ରମିଳା ମହାନ୍ତ(୫୪) କହିଛନ୍ତି। ସୂଚନା ଅନୁଯାୟୀ, ପ୍ରମିଳା ୧୨ ବର୍ଷ ବୟସରୁ ଆଖି ରୋଗରେ ପୀଡ଼ିତ ହୋଇଥିଲେ। ପରେ ବାକ୍ ଶକ୍ତି ହରାଇବା ସହ ସ୍ମୃତି ଶକ୍ତି ମଧ୍ୟ ହରାଇଥିଲେ। ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ପରିଚୟ ପତ୍ର ମିଳିଛି ସତ ମାତ୍ର ଆବାସ ଯୋଜନାରେ ପ୍ରମିଳାଙ୍କ ନାଁ ଆଜି ପର୍ଯ୍ୟନ୍ତ ଯୋଡ଼ି ହୋଇପାରିନାହିଁ। ବୟସର ଅପରାହ୍ନରେ ପହଞ୍ଚିଥିବା ବେଳେ ଭଙ୍ଗା ଖପର ଘରେ ଭାଇ ରମାକାନ୍ତ ମହାନ୍ତଙ୍କ ସାହାରାରେ ଚଳୁଛନ୍ତି। ଆବାସ ପାଇଁ ୨ ଥର ଆବେଦନ କରିଥିଲେ ବି ସେ ପ୍ରକୃତ ହିତାଧିକାରୀ ଲିଷ୍ଟରୁ ବାଦ୍ ପଡ଼ିଛନ୍ତି। ଭିନ୍ନକ୍ଷମ ଯୋଗୁ କାମ କରିପାରୁ ନ ଥିବା ବେଳେ ଶୁଣିବା ଓ କହିବା ଶକ୍ତି ହରାଇବା ସହ ଏକପ୍ରକାର ଅକ୍ଷମ ପାଲଟିଯାଇଛନ୍ତି। ଏ ନେଇ ପଦୁଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱାଗତିକା ପୃଷ୍ଟି କହିଛନ୍ତି, ପ୍ରମିଳା ଜଣେ ପ୍ରକୃତ ହିତାଧିକାରୀ। ସେ ଖାଦ୍ୟ ସୁରକ୍ଷା ଯୋଜନା ଓ ଭତ୍ତା ଯୋଜନାରେ ସାମିଲ ହୋଇଛନ୍ତି। କିନ୍ତୁ ୨୦୧୮ରେ ପ୍ରକୃତ ହିତାଧିକାରୀଙ୍କ ତଦନ୍ତ ଯୋଡ଼ା ଓ ଝୁମ୍ପୁରା ଟିମ୍ ଦ୍ୱାରା କରାଯାଇଥିଲା। କେଉଁ କାରଣରୁ ତାଙ୍କୁ ବାଦ୍ ଦିଆଯାଇଛି, ସେ ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

# ଦରମା ବୃଦ୍ଧି ଦାବିରେ କାର୍ଯ୍ୟବନ୍ଦ

### ଫାଟକରେ ତାଲା ପକାଇଲେ ପୌରପାଳିକା ଡ୍ରାଇଭର


ପିଡି ମାନସ ରଞ୍ଜନ ରାୟ ଡ୍ରାଇଭରମାନଙ୍କ ସହ ଆଲୋଚନା କରୁଛନ୍ତି।

**ଭଦ୍ରକ, ୬।୧୦ (ସନାତନ ରାଉତ)**

ଭଦ୍ରକ ପୌରପାଳିକାରେ କାର୍ଯ୍ୟରତ ସ୍ୱଚ୍ଛ ସବାରୀ, ଟ୍ରାକ୍ଟର, ଜେସିବି ଡ୍ରାଇଭରମାନେ ଦରମା ବୃଦ୍ଧି ଦାବି ଓ ସେମାନଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗ କରି ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟ ବନ୍ଦ କରିବା ସହ ପୌରପାଳିକା ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଥିବା ଡ୍ରାଇଭରମାନଙ୍କର ଦରମା ବଢ଼ି ନ ଥିବାବେଳେ ମାତ୍ର ଦେଢ଼ବର୍ଷ ପୂର୍ବେ ଯୋଗ ଦେଇଥିବା ଡ୍ରାଇଭରଙ୍କ ଦରମା ବଢ଼ିଥିବା ନେଇ ଶେଖ୍ ଅନୱାର, ଶେଖ୍ କାଲାମ, ନିରଞ୍ଜନ ମାହୁନ୍ତ, ମହମ୍ମଦ ଅସଦ ଅହମ୍ମଦ, ଅମୂଲ୍ୟ ସାହୁଙ୍କ ସମେତ ଡ୍ରାଇଭରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସହରାଞ୍ଚଳ ବିକାଶ ଦାୟିତ୍ୱରେ ଥିବା ଜିଲା ପରିଷଦର ଅଧିକାରୀ ମାନସ ରଞ୍ଜନ ରାୟ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଜଣେ ଡ୍ରାଇଭରଙ୍କର ବୃଦ୍ଧି ହୋଇଥିବା ଦରମାକୁ ବନ୍ଦ କରାଯିବା ସହ ଡ୍ରାଇଭରଙ୍କୁ ଅସମ୍ମାନ ଘଟଣାର ତଦନ୍ତ କରାଯାଇ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଫାଟକରୁ ତାଲା ଖୋଲିଥିଲେ। ଡ୍ରାଇଭରମାନେ ନିଜ କାର୍ଯ୍ୟରେ ଯୋଗ ଦେଇଥିଲେ। ପୂର୍ବରୁ ଦରମା ବୃଦ୍ଧି ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା ଡ୍ରାଇଭରମାନେ କହିଛନ୍ତି। ପ୍ରକାଶଥାଉ କି, ୩୦ ୱାର୍ଡ଼ରୁ ଅଳିଆ, ଆବର୍ଜନା ଓ ଡ୍ରେନ୍ ସଫା ପାଇଁ ୧୪ଟି ସ୍ୱଚ୍ଛ ସବାରୀ, ୯ ଟ୍ରାକ୍ଟର, ଗୋଟିଏ ମିନିଟ୍ରକ୍, ୫ ସେସ୍‌ପୁଲ ଗାଡ଼ି ଓ ଦୁଇଟି ଜେସିବି ପୌରପାଳିକାରେ ରହିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ଖଇରା, ୬।୧୦(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଗୁରୁବାର କୁପାରୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫୁଲ୍ଲ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିବା ବେଳେ ସଭ୍ୟମାନେ ନିଜର ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକ କୃଷ୍ଣପ୍ରସାଦ ଦଳାଇ(୮୫)ଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୧୧ତାରିଖରେ ଭୁବନେଶ୍ୱରଠାରେ ସଂଘର ବିଭିନ୍ନ ଦାବିନେଇ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଅଧିକ ସଂଖ୍ୟାରେ ସଭ୍ୟମାନେ ଯୋଗଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଶତ୍ରୁଘ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

